ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 15-12-2023

ମୟୁରଭଞ୍ଜ(ଓଡିଶା) - :2023-12-15 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2023-12-16 | 2023-12-17 | 2023-12-18 | 2023-12-19 | 2023-12-20 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 28.0 | 28.0 | 27.0 | 26.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 13.0 | 13.0 | 12.0 | 12.0 | 11.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 49 | 52 | 53 | 49 | 46 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 28 | 29 | 30 | 31 | 24 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7 | 6 | 6 | 8 | 9 |
| ପବନର ଦିଗ (ଡିଗ୍ରୀ) | 240 | 202 | 135 | 225 | 243 |
| ମେଘାଛନ୍ନ (ଅକ୍ଟା) | 0 | 0 | 1 | 1 | 3 |

## ପାଣିପାଗ ସାରାଂଶ/ସତର୍କ:

| |
|---|
| ସ୍ୱଚ୍ଛ ରୁ ମୁଖ୍ୟତଃ ମେଘୁଆ ଆକାଶ ସହିତ ଜିଲ୍ଲାରେ ପାଗ ଶୁଖିଲା ରହିବ \| ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୬.୦ ରୁ ୯.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ \| ସର୍ବାଧିକ ତାପମାତ୍ରା ୨୬.୦°C ରୁ ୨୮.୦°C ମଧ୍ୟରେ ହୋଇପାରେ \| ସର୍ବନିମ୍ନ ତାପମାତ୍ରା ୧୧.୦°C ରୁ ୧୩.୦°C ମଧ୍ୟରେ ରହିପାରେ \| ସକାଳେ ଆପେକ୍ଷିକ ଆଦ୍ରତା ୪୬ ରୁ ୫୩ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୨୪ ରୁ ୩୧ ପ୍ରତିଶତ ମଧ୍ୟରେ ରହିପାରେ \| |

## ସାଧାରଣ ଉପଦେଶ:

| |
|---|
| ଯଦି ଧାନର ଅମଳ ସମାପ୍ତ ହୋଇଯାଇଛି ତେବେ ଏହାକୁ ସଂଗ୍ରହ କରି ବର୍ଷା ଠାରୁ ରକ୍ଷା କରିବା ପାଇଁ ଏକ ସୁରକ୍ଷିତ ସ୍ଥାନରେ ସଂରକ୍ଷଣ କରାଯିବା ଉଚିତ \| କ୍ଷେତରେ ଜଳ ନିଷ୍କାସନ ପାଇଁ ସୁବିଧା ବ୍ୟବସ୍ଥା କରିବା ଉଚିତ\| ପନିପରିବା ଫସଲରେ ମୂଳ ସଢା ଓ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଥିବାରୁ ପ୍ରତି ୧୦-ଲିଟର ପାଣିରେ ୨୦-ଗ୍ରାମ ମାଙ୍କୋଜେବ ଓ ମେଟାଲାକ୍ସିଲ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଝରା କିମ୍ବା ସ୍ପ୍ରେୟର ସାହାଯ୍ୟରେ ମୂଳ ଓ ମାଟିକୁ ଭଲ ଭାବରେ ଭିଜାନ୍ତୁ । ବର୍ଷାରେ ଓଦା ହୋଇଯାଇଥିବା ଅମଳ ଧାନକୁ ଭଲ ଭାବରେ ସାଇତି ରଖିବା ପାଇଁ ଖରାରେ ଭଲ ଭାବରେ ଶୁଖାନ୍ତୁ । ଧାନ ଅମଳ କରିବାର ୧୫ ଦିନ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ଧାନ କେଣ୍ଡାରେ ଶତକଡା ୮୫ ଭାଗ ଧାନ ପାଚି ଯାଇଥିଲେ କିମ୍ବା ହଳଦିଆ କିମ୍ବା ସୁନା ରଙ୍ଗର ଦେଖା ଯାଉଥିଲେ ଅମଳ କରନ୍ତୁ । ବିହନ ପାଇଁ ଧାନ ରଖିବାକୁ ଥିଲେ ହିଡ ଠାରୁ ୧ ମିଟର ଛାଡି ମଝିଭାଗରୁ ଧାନ କାଟନ୍ତୁ । ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ଆଣି ରଖନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଉଚ୍ଚ-ମଧ୍ୟମ ଜମିରେ ରବି ଜାତୀୟ ଫସଲ ଯଥା ମୁଗ, ବିରି, କୋଳଥ, ରାଶି, ସୂର୍ଯ୍ୟମୁଖୀ ଏବଂ କାକୁଡି ଆଦି ଫସଲ ଚାଷ କରନ୍ତୁ । ପନିପରିବା ଫସଲ ଯଥା ମଟର, ଗାଜର, ମୂଳା ଆଦି ଫସଲ ଲଗାନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ୮୫ ଶତକଡା ପାଚି ଯାଇଥିଲେ ଅମଳ କରିଦିଅନ୍ତୁ । ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଏବଂ ନାଳୀ ମୁହଁ କୁ ଖୋଲା ରଖନ୍ତୁ । ଅମଳ ହୋଇଥିବା ଧାନକୁ ଜମିରେ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଛାଡନ୍ତୁ ନାହିଁ । ଧାନ ଗଛ ପଡିଯାଇଥିଲେ ବର୍ଷା ପରେ ହଳା କରି ଠିଆ କରନ୍ତୁ । |
| ସୋରିଷ | ରବି ଋତୁ ରେ ସୋରିଷ ଚାଷ କରୁଥିଲେ, ସରଳ କିସମ ଯଥା ନିର୍ମଲ ବ୍ଲାକ ଗୋଲ୍ଡ, ଟି-୯, ଏମ-୨୭, ପି. ଟି-୩୦୩ ଏବଂ ବିଳମ୍ବ କିସମ ପୁଷା ବାହାର, ବିନୟ ଆଦି କିସମ ଏକର ପ୍ରତି ୩ ରୁ ୫ କେଜି ମଞ୍ଜି ବ୍ୟବହାର କରନ୍ତୁ । କାପଟାନ କିମ୍ବା ଥିରାମ ୩ ଗ୍ରାମ ପ୍ରତି କିଗ୍ରା ମଞ୍ଜି ରେ ବିଶୋଧନ ପରେ ବ୍ୟବହାର କରନ୍ତୁ । ଧାଡି କୁ ଧାଡି ୨୦ ଏବଂ ଗଛ କୁ ଗଛ ୧୦ ସେମି ଦୂରତା ରେ ବିଳମ୍ବ କିସମ ଏବଂ ଧାଡି କୁ ଧାଡି ୩୦ ଏବଂ ଗଛ କୁ ଗଛ ୧୦ ସେମି ଦୂରତା ରେ ସହଜ କିସମ ଲଗାନ୍ତୁ । |
| ମୁଗ | ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଲୋଗ୍ରାମ ମଞ୍ଜି ରେ ୨-ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ କାର୍ବୋକ୍ସିନ ଓ ଥିରାମ ର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବା ଦିନ ପ୍ରତି ୧-କିଲୋଗ୍ରାମ ବିହନରେ ୨୦-ଗ୍ରାମ ରାଇଜୋବିୟମ ଜୀବାଣୁ କଲଚର ଭଲ ଭାବରେ ଗୋଳାଇ ଛାଇରେ ଶୁଖାଇ ଜମିରେ ବୁଣନ୍ତୁ । ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୨ ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିଆ ମୂଳ ସାର ହିସାବରେ ସାର ପ୍ରୟୋଗ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଟମାଟର | ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ଓ ମୂଳସଢା ରୋଗ ଦେଖା ଦେବାର ସମ୍ଭାବନା ରହିଛି, ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । |
| ଫୁଲକୋବି | ଫୁଲକୋବି ଓ ବନ୍ଧାକୋବି ଚାରା ଲଗେଇବାର ୧୫-୨୦ ଦିନ ମଧ୍ୟରେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି ୨୫- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଫୁଲକୋବି ଓ ବନ୍ଧାକୋବି ୩୦-୩୫ ଦିନର ହୋଇଗଲେ ଆଉଥରେ ଏକର ପ୍ରତି ୨୫- କିଲୋଗ୍ରାମ ୟୁରିଆ ସାର ସହିତ ୨୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ଚାରା ଲଗେଇବା ସମୟରେ ଯଦି Boron ଅଣୁସାର ପ୍ରୟୋଗ କରି ନାହାନ୍ତି ତେବେ ଚାରା ରୋପଣ ର ୨ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ଏକର ପ୍ରତି ୪ କିଲୋଗ୍ରାମ Borax କିମ୍ବା ପ୍ରତି ଲିଟର ପାଣିରେ ୧-୧.୫ ଗ୍ରାମ Folibor କିମ୍ବା Solubor ମିଶାଇ ପତ୍ର ସିଞ୍ଚନ କରନ୍ତୁ । |
| ବାଇଗଣ | ବାଇଗଣ ଫସଲ ୩୦ ଦିନର ହୋଇଗଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ବାଇଗଣ ଫସଲ ୪୫ ଦିନର |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ହୋଇଗଲେ ଆଉଥରେ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଇଗଣ ଚାରା ଲଗାଇବାର ୩୦ ଦିନରେ ଏବଂ ୬୦ ଦିନରେ ପ୍ରତି ଲିଟର ପାଣିରେ ୩-ଗ୍ରାମ ମିଶ୍ରିତ ଅଣୁସାର ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡୀ | ପ୍ରାରମ୍ଭିକ ଅବସ୍ଥାରେ ଶୋଷକ କୀଟ ର ପରିଚାଳନା ପାଇଁ ୨୦୦ ଲିଟର ପାଣିରେ ୬୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Fenobucarb ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଋତୁରେ ଗାଈଗୋରୁ ମାନଙ୍କୁ ପ୍ରତି ଦିନ ଖଣିଜ ମିଶ୍ରଣ ସହ ୧୦ ରୁ ୨୦ ଶତକଡା ଲୁଣ, ଚୋକଡ ଓ ଗୁଡ ମିଶାଇ ଖାଇବାକୁ ଦିଅନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ । ଏହି ରୋଗ ମାନଙ୍କର ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କିମ୍ବା ୧ ରୁ ୨ କେଜି ପୋଟାସିୟମ ପରମାଙ୍ଗାନେଟ କିମ୍ବା ୫୦ ରୁ ୧୦୦ କେଜି ଚୂନ ମିଶାଇ ବିଶୋଧନ କରନ୍ତୁ । ଶୀତ ଋତୁରେ ମାଛ ମାନଙ୍କୁ ରୋଗ ନହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କେଜି ଲୁଣ ପ୍ରୟୋଗ କରନ୍ତୁ । |